**B-SECTION – III**
**Arts Group**
**ODIA (OPTIONAL)**

ଅନୁଚ୍ଛେଦଟି ପଢ଼ି ପ୍ରଶ୍ନ ନଂ ୪୧ର ଉତ୍ତର ଦିଅ :

ଆଧୁନିକ ଯୁଗରେ ପ୍ରତ୍ୟେକ ଦେଶରେ ବିଚାରଶକ୍ତି ପରିଚାଳିତ ବିଜ୍ଞାନପ୍ରସୂତ ଫଳାଫଳ ସହିତ ମନୁଷ୍ୟର ବିଶ୍ୱାସ ଅନେକ ସମୟରେ ଖାପ ଖାଉ ନାହିଁ । ଏଥିଲାଗି ଯେଉଁ ବ୍ୟର୍ଥତା ଓ ମାନସିକ ଦ୍ୱନ୍ଦ୍ୱ ଦେଖାଯାଉଛି ତାହା ବହୁ କ୍ଷତି କରୁଛି । ଆମ ଦେଶରେ ବିଜ୍ଞାନର ପ୍ରଭାବ ଯେଉଁମାନଙ୍କ ଉପରେ ପଡ଼ିଛି, ସେମାନେ ପ୍ରକୃତରେ ବିଜ୍ଞାନ ଓ ମନୁଷ୍ୟର ବିଚାରଶକ୍ତିର ପ୍ରଶଂସା କରୁଥିଲା ବେଳେ ଘରକୁ ଫେରିଲା ପରେ ହଜାର ହଜାର ବର୍ଷଧରି ଗଢ଼ି ଆସୁଥିବା ନାନାପ୍ରକାର ସଂକୀର୍ଣ୍ଣ କୁସଂସ୍କାରରେ ଦୃଢ଼ ବିଶ୍ୱାସ ରଖି କାମ କରନ୍ତି । ତେଣୁ ପୋଥି ବାଇଗଣ ଓ ବାଡ଼ି ବାଇଗଣ ଭିତରେ ଯେଉଁ ପ୍ରଭେଦ, ତାହା ପ୍ରତିକ୍ଷେତ୍ରରେ ଆମ୍ଭେମାନେ ଦେଖିବାକୁ ପାଉ ।

41. ଆମ୍ଭେମାନେ ପୋଥି ବାଇଗଣ ଓ ବାଡ଼ି ବାଇଗଣ ମଧ୍ୟରେ ଥିବା ପ୍ରଭେଦ ପ୍ରତିକ୍ଷେତ୍ରରେ ଦେଖିବାର କାରଣ କ'ଣ ?

(A) ଅଜ୍ଞତା (B) ବିଜ୍ଞାନର ପ୍ରଭାବ

(C) ମାନସିକ ଦ୍ୱନ୍ଦ୍ୱ (D) ଧର୍ମବିଶ୍ୱାସ

42. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶୁଦ୍ଧ ଶବ୍ଦ ?

(A) ଦୁର୍ବିସହ (B) ଦୁର୍ଦ୍ଧଷ

(C) ତଦୁର୍ଦ୍ଧ (D) ତ୍ୟାଜ୍ୟପୁତ୍ର

43. 'ପବନ' ଶବ୍ଦର ସନ୍ଧିବିଚ୍ଛେଦ କଲେ କ'ଣ ହେବ ?

(A) ପବ୍ + ଅନ (B) ପବ + ନ

(C) ପୋ + ଅନ (D) ପ + ଅନ

44. <u>ବିପଦେ</u> ନ ଦିଅନ୍ତି ଦେଖା । ରେଖାଙ୍କିତ ଅଂଶଟି କେଉଁ କାରକ ?

(A) ଅଧିକରଣ (B) କରଣ

(C) କର୍ମ (D) କର୍ତ୍ତା

45. ସେ ବୟସରେ ମୋ'ଠାରୁ ବଡ଼ । ରେଖାଙ୍କିତ ପଦଟିରେ କେଉଁ ବିଭକ୍ତି ଯୁକ୍ତ ହୋଇଛି ?

(A) ଦ୍ୱିତୀୟା (B) ତୃତୀୟା

(C) ପଞ୍ଚମୀ (D) ସପ୍ତମୀ

46. 'କ୍ଷୋଭ' ଶବ୍ଦର ପ୍ରକୃତି ପ୍ରତ୍ୟୟି କ'ଣ ?

(A) କ୍ଷୁଭ୍ + ଅ (B) କ୍ଷୋଭ୍ + ଅ

(C) କ୍ଷୋ + ଭ (D) କ୍ଷ + ଓଭ

47. 'ଆର୍ଜବ' ଶବ୍ଦରେ କେଉଁ ପ୍ରତ୍ୟୟ ପ୍ରଯୁକ୍ତ ?

(A) ଅବ (B) ଜବ

(C) ବ (D) ଅ

48. "ଆମ ଦେଶବାସୀଙ୍କ ଦୀର୍ଘଦିନର ଅପେକ୍ଷା ଶେଷ ହେଲା, ଦେଶ ଇଂରେଜ ଶାସନରୁ ମୁକ୍ତ ହେଲା କିନ୍ତୁ ଦାରିଦ୍ର୍ୟ ଦୂର ହେଲା ନାହିଁ" – ଏହା କେଉଁ ପ୍ରକାର ବାକ୍ୟ ?

(A) ସରଳ (B) ଯୌଗିକ

(C) ଜଟିଳ (D) ମିଶ୍ର

49. 'ଅକ୍ଷିର ପଶ୍ଚାତ୍' ସମସ୍ତ ପଦଟି କ'ଣ ହେବ ?

(A) ପ୍ରତିପକ୍ଷ (B) ବିପକ୍ଷ

(C) ପ୍ରତ୍ୟକ୍ଷ (D) ଅନ୍ୱକ୍ଷ

50. 'ଅଇଘରାକୁ ବାଇଗଣ ଫିଙ୍ଗିବା' – ରୂଢ଼ିଟିର ଅର୍ଥ କ'ଣ ?

(A) ବାରମ୍ବାର କହିବା

(B) ଅନୁମାନ କରି କହିବା

(C) ଆଳ ବାହାର କରିବା

(D) ଅନିର୍ଦ୍ଦିଷ୍ଟ ଫଳ ଆଶାରେ କୌଣସି କାମ କରିବା

51. "ଚିରଦିନ ଦୁଃଖ – ପ୍ରହାରେ ଜର୍ଜର,

ପଞ୍ଚଶିଷ୍ୟ ମୁହିଁ ଦୁଃଖ – ଗୁରୁଙ୍କର" – ଏହା କେଉଁ ଛନ୍ଦରେ ରଚିତ ?

(A) ବଙ୍ଗଳାଶ୍ରୀ (B) ଚୋଖି

(C) ନଟବାଣୀ (D) ଗୁଜ୍ଜରୀ

52. ମହତ ଜନର ଦୟା ସବୁଠାରେ

ସମେ ହୁଏ ବିତରିତ,

କର୍ତ୍ତକ ମସ୍ତକୁ ନ କରଇ ତରୁ

ସ୍ୱଚ୍ଛାୟା ଅପସାରିତ ।

ପଦଟିରେ କେଉଁ ଅଳଂକାର ପ୍ରଯୁକ୍ତ ?

(A) ଉପମା (B) ରୂପକ

(C) ଉତ୍‌ପ୍ରେକ୍ଷା (D) ଅର୍ଥାନ୍ତରନ୍ୟାସ

53. 'ଜିହୀର୍ଷା' ଏହାକୁ ବହୁପଦରେ ପ୍ରକାଶ କଲେ କ'ଣ ହେବ ?

(A) ବଞ୍ଚି ରହିବାର ଇଚ୍ଛା (B) ହରଣ କରିବାର ଇଚ୍ଛା

(C) କହିବାର ଇଚ୍ଛା (D) ବଧ କରିବାର ଇଚ୍ଛା

54. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭୀମଭୋଇଙ୍କ ରଚନା ?

(A) ଚଣ୍ଡୀପୁରାଣ (B) ଦୀକ୍ଷା ସମ୍ବାଦ

(C) ଶ୍ରୁତିନିଷେଧ ଗୀତା (D) ଚିତ୍ରକାବ୍ୟ ବନ୍ଧୋଦୟ

55. କହିବା ସହଜ, <u>ଅଥଚ</u> କରିବା କଷ୍ଟ । – ରେଖାଙ୍କିତ ଅଂଶଟି କେଉଁ ପଦ ?

(A) ସଂଯୋଜକ ଅବ୍ୟୟ (B) ବିଯୋଜକ ଅବ୍ୟୟ

(C) ବୀପ୍‌ସାର୍ଥକ ଅବ୍ୟୟ (D) ନିଷେଧାର୍ଥକ ଅବ୍ୟୟ

| B-SECTION – III |
| --- |
| Arts Group |
| ENGLISH (OPTIONAL) |

56. When a test is conducted to find out some deficiency, it is called ______ .

(A) achievement test
(B) diagnostic test
(C) performance test
(D) prognostic test

57. She ______ since 4 O'clock.

(A) had slept
(B) is sleeping
(C) slept
(D) has been sleeping

58. Make sure your words are clearly ______ in your speech.

(A) pronounced
(B) pronunced
(C) pronuoced
(D) prunounced

59. Does the headmaster live ______ the school campus ?

(A) on
(B) at
(C) in
(D) with

60. Don't disturb, please.

The poultry ______ fed.

(A) is
(B) are
(C) is being
(D) are being